# CSM—1/24

## PART—I/PAPER—I

## ODIA LANGUAGE

## ଓଡ଼ିଆ ଭାଷା

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The figures in the right-hand margin indicate marks.*

ଖାତାର ଡ଼ାହାଣ ପଟେ ପ୍ରତ୍ୟେକ ପ୍ରଶ୍ନର ମାର୍କ ଦର୍ଶାଯାଇଛି ।

*Answer **all** questions.*

ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ ଅଟେ।

୧. ନିମ୍ନଲିଖିତ ଯେକୌଣସି **ଗୋଟିଏ** ବିଷୟରେ ପ୍ରାୟ **୯୦୦ (ନଅ ଶହ)** ଶବ୍ଦ ମଧ୍ୟରେ ପ୍ରବନ୍ଧ ଲେଖ : ୮୦

(କ) ଭାରତରେ ଡିଜିଟାଲ ସାକ୍ଷରତା

(ଖ) ଭାରତୀୟ ନାଗରିକର ମୌଳିକ କର୍ତ୍ତବ୍ୟ

(ଗ) ଦଣ୍ଡନୀୟ ଅପରାଧ ସତ୍ତ୍ୱେ ଯୌତୁକ ପ୍ରଥାର ବ୍ୟାପକ ପ୍ରଚଳନ

(ଘ) ମହାକୁମ୍ଭ ମେଳା-୨୦୨୫

୨. ନିମ୍ନଲିଖିତ ଯେକୌଣସି **ପାଞ୍ଚଗୋଟି** ରଢ଼ିର ଉପଯୁକ୍ତ ଅର୍ଥ ପ୍ରଦାନ କରି ବାକ୍ୟରେ ବ୍ୟବହାର କର : ୧୦

(କ) ଅନ୍ଧର ଲଉଡ଼ି

(ଖ) ଆପଣା ଶିଙ୍ଗରେ ଭୂଇଁ ତାଡ଼ିବା

(ଗ) ଘଣ୍ଟ ଘୋଡ଼ାଇବା

(ଘ) କାଠିକର ପାଠ

(ଙ) ଚକ୍ଷୁ କୁଟିବା

(ଚ) ଛେନାରୁ ଚୋପା ଛଡ଼ାଇବା

(ଛ) ଦାନାରେ ଧୂଳିଦେବା

Candid... must n... write o... this marg...

୩. ନିମ୍ନଲିଖିତ ବିଶେଷୋକ୍ତି ଗୁଡ଼ିକରୁ ଯେକୌଣସି **ଦୁଇଟିର** ପ୍ରତ୍ୟେକକୁ ଏକଶହ ଶବ୍ଦ ମଧ୍ୟରେ ବ୍ୟାଖ୍ୟା କର : ୨୦

(କ) ଆଖୁ କିଆରୀରେ ପଶିବା

(ଖ) ତିଳକୁ ତାଳ କରିବା

(ଗ) ଦିଅଁ ଗଢୁଗଢୁ ମାଙ୍କଡ଼

(ଘ) ପାଲିଙ୍କି ଉପରେ ପାଟଛତା

(ଙ) ଗୁଣ ଚିହ୍ନେ ଗୁଣିଆ ସୁନା ଚିହ୍ନେ ବଣିଆ

୪. ନିମ୍ନଲିଖିତ ଯେକୌଣସି **ପାଞ୍ଚଗୋଟିକୁ** ଏକପଦରେ ପ୍ରକାଶ କର : ୧୦

(କ) ଦୋଷ ନାହିଁ ଯାହାର

(ଖ) ଉତ୍ତମ ପ୍ରତିଷ୍ଠା ଲାଭ କରିଅଛନ୍ତି ଯେ

(ଗ) ଦିକ୍ ଅମ୍ବର ଯାହାଙ୍କର ସେ

(ଘ) ମହତ୍ ତପ ଯାହାର ସେ

(ଙ) ଉପକାର ସ୍ୱୀକାର କରେ ଯେ

(ଚ) ପୁରୋହିତଙ୍କ କର୍ମ

(ଛ) ନାହିଁ ରବ ଯାହାର ସେ

୫. ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦଗୁଡ଼ିକରୁ **ପାଞ୍ଚଟିର** ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର : ୧୦

(କ) ଶପ୍ତ - ସପ୍ତ

(ଖ) ଭିତ୍ତି - ଭୀତି

(ଗ) ଚିର - ଚୀର

(ଘ) କୁଜନ - କୂଜନ

(ଙ) ଆବୃତ୍ତ - ଆବୃତ

(ଚ) ସୁତା - ସୂତା

(ଛ) ସୂର - ଶୂର

୬. ନିମ୍ନଲିଖିତ ଯେକୌଣସି **ପାଞ୍ଚଟି** ଶବ୍ଦର ବିପରୀତାର୍ଥ ଶବ୍ଦ ଲେଖି ବାକ୍ୟ ଗଠନ କର : ୧୦

(କ) ଉଦ୍‌ଘାଟନ

(ଖ) ନିର୍ଜନ

(ଗ) ଅନାହାର

(ଘ) ମଧୁ

(ଙ) ଦାତା

(ଚ) ନିର୍ମଳ

(ଛ) ପ୍ରବେଶ

୭. ନିମ୍ନଲିଖିତ ଯେକୌଣସି **ପାଞ୍ଚଟି** ଶବ୍ଦର ସନ୍ଧି ବିଚ୍ଛେଦ କର : ୧୦

(କ) ମହୋତ୍ସବ

(ଖ) ମାତ୍ରାଳୟ

(ଗ) ଭବନ

(ଘ) କାଠୁରିଆ

(ଙ) କାଳିଆ

(ଚ) କୁଲେଇ

(ଛ) ଜଟିଳ

୮. ନିମ୍ନଲିଖିତ ବିଗ୍ରହ ବାକ୍ୟକୁ ସମାସ କରି ଯେକୌଣସି **ପାଞ୍ଚଗୋଟିର** ସମସ୍ତପଦ ଲେଖ : ୧୦

(କ) ଜାତ ହୋଇନାହିଁ ଶତ୍ରୁ ଯାହାର

(ଖ) ମନକୁ ହରଣ କରେ ଯେ

(ଗ) ପାନ କରିବାକୁ ଇଚ୍ଛା କରେ ଯେ

(ଘ) ଯାହା ପୂଜାର ଯୋଗ୍ୟ ସେ

(ଙ) ବିଜ୍ଞାନ ଶାସ୍ତ୍ରରେ ନିପୁଣ

(ଚ) ନାହିଁ ସୀମା ଯାହାର ତାହା

(ଛ) ନାହିଁ ପାପ ଯାହାର

Candidate must not write on this margin.

୯. ନିମ୍ନ ପରିଚ୍ଛେଦଟିକୁ ପାଠକରି ପରବର୍ତ୍ତୀ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ : ୨୫

Cand
must
writ
this m

ଇତିହାସ ଅଧ୍ୟୟନ କାଳରେ ଭାରତର ସଭ୍ୟତା ଓ ସଂସ୍କୃତିକୁ ଓଡ଼ିଶାର ନିର୍ଦ୍ଦିଷ୍ଟ ଅବଦାନ ବିଷୟରେ ଅନୁଧ୍ୟାନ କରାଯିବା ଆବଶ୍ୟକ । କଳିଙ୍ଗ, କୋଙ୍ଗଦ, ଉଡ୍ର, ଉତ୍କଳ ଓ କୋଶଳ ଇତ୍ୟାଦି ନାମରୁ ଓଡ଼ିଶାର ପ୍ରାଚୀନ ଭୌଗୋଳିକ ଅବସ୍ଥିତି ସୂଚିତ ହୋଇଥାଏ । ଭାରତର ଉତ୍ତର ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଓଡ଼ିଶା ସାଂସ୍କୃତିକ ସଂଯୋଗ ରକ୍ଷା କରିଛି । ଉତ୍ତରରୁ ଦକ୍ଷିଣକୁ ଏବଂ ଦକ୍ଷିଣାଞ୍ଚଳରୁ ଉତ୍ତରାଞ୍ଚଳକୁ ଯାତ୍ରା କରିଥିବା ବହୁ ସାଧୁସନ୍ଥ ଓ ଦାର୍ଶନିକଙ୍କର ଅବଦାନରେ ଓଡ଼ିଶାର ସଂସ୍କୃତି ପରିପୁଷ୍ଟ । ଓଡ଼ିଶା ମଧ୍ୟଦେଇ ଉତ୍ତର ଓ ଦକ୍ଷିଣ ମଧ୍ୟରେ ବହୁ ସାମରିକ ଅଭିଯାନ କଥା ଇତିହାସରୁ ପ୍ରତିପାଦିତ ହୁଏ । ତାହାଛଡ଼ା ଉତ୍ତର ଓ ଦକ୍ଷିଣ ମଧ୍ୟରେ ବହୁ ଜାତି, ବହୁ ସଂସ୍କୃତିର ଗମନାଗମନର କେନ୍ଦ୍ର ହେଉଛି ଓଡ଼ିଶା । ସେହିପରି ଓଡ଼ିଶା ହେଉଛି ବ୍ୟବସାୟ ବାଣିଜ୍ୟର ଗତିପଥ । ଏହିସବୁ କାରଣରୁ ଭାରତର ସାଂସ୍କୃତିକ ଇତିହାସରେ ଓଡ଼ିଶା ମୁଖ୍ୟ ଭୂମିକା ଗ୍ରହଣ କରିପାରିଥିଲା ।

ଭାରତବାହାରେ ବିଶେଷତଃ ଦକ୍ଷିଣପୂର୍ବ ଏସିଆରେ ଭାରତୀୟ ସଂସ୍କୃତିର ବାହକ ଭାବେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ତ୍ରୟୋଦଶ ଶତାବ୍ଦୀରେ ଶ୍ରୀଲଙ୍କାରେ କଳିଙ୍ଗ ରାଜବଂଶ ରାଜତ୍ୱ କରିଥିବା ଇତିହାସରୁ ଜଣାପଡ଼େ । ସେହି ରାଜ୍ୟରେ କଳିଙ୍ଗଜାତି ବହୁ କେନାଲ ଏବଂ ଜଳସେଚନ ପ୍ରଣାଳୀର ବିକାଶ ସାଧନ କରି ଲୋକମାନଙ୍କୁ ଉପକୃତ କରିଥିଲେ । ବୌଦ୍ଧଗ୍ରନ୍ଥ 'ମହାବଂଶ' ରୁ ମିଳେ ଯେ କଳିଙ୍ଗର କନ୍ୟା ସୁସୀମାଙ୍କର ପୌତ୍ର ବିଜୟ ସିଂହଳରେ ରାଜା ହୋଇ ସେ ଦେଶରେ ଭାରତୀୟ ସଭ୍ୟତାର ଆଲୋକ ବିକିରଣ କରିଥିଲେ । ମହାବଂଶରୁ ଜଣାପଡ଼େ ଯେ ବୁଦ୍ଧଙ୍କର ଦନ୍ତ ଧାତୁ କଳିଙ୍ଗରୁ ଶ୍ରୀଲଙ୍କାକୁ ଅଣା ଯାଇଥିଲା । କଳିଙ୍ଗର ରାଜା ଗୁହଶିବଙ୍କର କନ୍ୟା ହେମମାଳା ବୁଦ୍ଧଙ୍କର ସେହି ପବିତ୍ର ଦନ୍ତକୁ କଳିଙ୍ଗର ରାଜଧାନୀ ଦନ୍ତପୁରରୁ ଶ୍ରୀଲଙ୍କାକୁ ଆଣିଥିଲେ । ବୁଦ୍ଧଙ୍କର ସର୍ବପ୍ରଥମ ଉପାସକ ବା ଗୃହୀ ଶିଷ୍ୟ ହେଉଛନ୍ତି ଉତ୍କଳର ଦୁଇଜଣ ବଣିକ ତପସୁ ଓ ଭଲ୍ଲିକ । ଏବେ ମଧ୍ୟ ଫିଲିପାଇନ୍ସରେ 'କଳିଙ୍ଗ ଅପେୟାଓ' ନାମକ ଏକ ପ୍ରଦେଶ ରହିଛି । ବ୍ରହ୍ମଦେଶର ପ୍ରାଚୀନ ସାହିତ୍ୟରେ ଶ୍ରୀକ୍ଷେତ୍ର ନାମକ ଏକ ପ୍ରାଦେଶିକ ସହରର ନାମୋଲ୍ଲେଖ କରାଯାଇଛି । ଇଣ୍ଡୋନେସିଆର ଐତିହାସିକମାନେ ସେ ଦେଶର ସଭ୍ୟତା କଳିଙ୍ଗ ଭୂମିରୁ ପ୍ରଥମେ ଆସିଥିବା କଥା ପ୍ରମାଣିତ କରିଛନ୍ତି । ଇଣ୍ଡୋନେସିଆର 'ବରୋବୁଦୁର' ଠାରେ ବିକାଶ ପାଇଥିବା କଳା ଓ ସ୍ଥାପତ୍ୟ ସହିତ ଓଡ଼ିଶାର ରତ୍ନଗିରି ବିହାରର କଳା ସ୍ଥାପତ୍ୟର ଘନିଷ୍ଠ ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଏ । ଓଡ଼ିଶାର ଶୈଳୋଦ୍ଭବ ରାଜବଂଶର ଏକ ଶାଖା ଜାଭା ଓ ସୁମାତ୍ରାକୁ ଯାଇ ଶୈଳେନ୍ଦ୍ର ନାମରେ ପରିଚିତ ହୋଇ ଥିଲେ ଏବଂ ସେମାନେ ଉକ୍ତ ଅଞ୍ଚଳରେ ଏକ ଶକ୍ତିଶାଳୀ ସାମ୍ରାଜ୍ୟ ଗଠନ କରି ତତ୍କାଳୀନ

Candidate must not write on this margin.

ଦକ୍ଷିଣ-ପୂର୍ବ ଏସିଆର ଇତିହାସରେ ବିଶେଷ ଭୂମିକା ଗ୍ରହଣ କରିଥିଲେ । ଦକ୍ଷିଣ ପୂର୍ବ ଏସିଆର ଇତିହାସ ଏବଂ ସଂସ୍କୃତି ପ୍ରତି ଓଡ଼ିଶାର ଏହିସବୁ ମହାନ୍ ଅବଦାନ ଓଡ଼ିଶାର ନୌବାଣିଜ୍ୟର ଇତିହାସରେ ପ୍ରାମାଣିକ ଭାବରେ ଲିପିବଦ୍ଧ ହେବା ଉଚିତ । ଏଥିପାଇଁ ବାସ୍ତବ ଏବଂ ନିରପେକ୍ଷ ଗବେଷଣା ଆବଶ୍ୟକ ।

ଭାରତର ଇତିହାସ ଓ ସଂସ୍କୃତି ପ୍ରତି ଓଡ଼ିଶାର ମହାନ୍ ଅବଦାନର କଥା ଆଲୋଚନା କଲେ ଜଣାପଡ଼େ ଯେ ଧର୍ମ, କଳା, ସ୍ଥାପତ୍ୟ ଓ ଚିତ୍ରବିଦ୍ୟା, ନୃତ୍ୟ, ସଙ୍ଗୀତ ଏବଂ ସାହିତ୍ୟ ଓ ଲୋକକଥା ଆଦି ପ୍ରତ୍ୟେକ କ୍ଷେତ୍ରରେ ସେହି ଅବଦାନର ସ୍ପଷ୍ଟ ପ୍ରଭାବ ପରିଲକ୍ଷିତ ହୁଏ । ଓଡ଼ିଶାରେ ବହୁ ପ୍ରାଚୀନ କାଳରୁ ବୈଦିକ ଧର୍ମ ଓ ସାହିତ୍ୟର ପ୍ରଚଳନ ଥିଲା ଏବଂ ବେଦର ଯେଉଁ କେତେକ ଲୁପ୍ତାଂଶ ଓଡ଼ିଶାରେ ଆବିଷ୍କୃତ ହୋଇଅଛି, ତନ୍ମଧ୍ୟରୁ ଶୁକ୍ଳ ଯଜୁର୍ବେଦର ସାୟଣଭାଷ୍ୟ ଏବଂ ଅଥର୍ବବେଦର ପିପ୍ପଳାଦ ଶାଖା ଉଲ୍ଲେଖଯୋଗ୍ୟ ।

ସମ୍ରାଟ ଅଶୋକଙ୍କୁ ବୌଦ୍ଧଧର୍ମରେ ଦୀକ୍ଷିତ କରିବାରେ ଯେ କେବଳ ଓଡ଼ିଶାର ଅବଦାନ ପରିଲକ୍ଷିତ ହୁଏ, ତାହା ନୁହେଁ, ସେହି ଧର୍ମକୁ ଏକ ମହାନ୍ ଧର୍ମ ରୂପେ ଗଠନ କରିବାରେ ଓଡ଼ିଶାର ଭୂମିକା ସର୍ବତ୍ର ବିଦିତ । ଓଡ଼ିଶା ମହାଯାନ ବୌଦ୍ଧଧର୍ମର ବିଶିଷ୍ଟ କେନ୍ଦ୍ରସ୍ଥଳୀ ଥିଲା ଏବଂ ତିବ୍ବତୀୟ ପରମ୍ପରା ଅନୁସାରେ ଓଡ଼ିଶା ହେଉଛି ମହାଯାନର ଲାଳନଭୂମି । ଓଡ଼ିଶାର ରାଜା ଇନ୍ଦ୍ରଭୂତି ତିବ୍ବତକୁ ବୌଦ୍ଧ ଧର୍ମର ପ୍ରଚାରକମାନଙ୍କୁ ପ୍ରେରଣ କରିଥିଲେ । ବୌଦ୍ଧଧର୍ମରେ ବିଜ୍ଞାନବାଦ ଦର୍ଶନ ମଧ୍ୟ ଓଡ଼ିଶାରେ ବିଶେଷଭାବେ ବିକାଶପ୍ରାପ୍ତ ହୋଇଥିବା କଥା ବିଶିଷ୍ଟ ଦାର୍ଶନିକ ଦିଙ୍ନାଗ ଓ ଧର୍ମକୀର୍ତ୍ତି ଆଦିଙ୍କର ଲେଖାରୁ ଜଣା ପଡ଼େ ।

(କ) ଇଣ୍ଡୋନେସିଆର ସଭ୍ୟତା, କଳା ଓ ସ୍ଥାପତ୍ୟସହ ଓଡ଼ିଶାର କ'ଣ ସଂପର୍କ ରହିଛି, ଦର୍ଶାଅ?

(ଖ) ଓଡ଼ିଶାରୁ କେଉଁମାନେ ଜାଭା ଓ ସୁମାତ୍ରାକୁ ଯାଇ ଦକ୍ଷିଣ ପୂର୍ବ-ଏସିଆର ଇତିହାସରେ ବିଶେଷ ଭୂମିକା ଗ୍ରହଣ କରିଥିଲେ?

(ଗ) ବୌଦ୍ଧଧର୍ମର ବିକାଶ କ୍ଷେତ୍ରରେ ଓଡ଼ିଶାର ଅବଦାନ ସହ ସମ୍ରାଟ ଅଶୋକ ଏବଂ ରାଜା ଇନ୍ଦ୍ରଭୂତିଙ୍କର କିପରି ଭୂମିକା ରହିଛି, ଆଲୋଚନା କର ।

(ଘ) ଶ୍ରୀଲଙ୍କା ସହିତ କଳିଙ୍ଗ ଦେଶର ସଂପର୍କ ବିଷୟରେ ଆଲୋଚନା କର ।

(ଙ) ଭାରତର ଉତ୍ତର ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଓଡ଼ିଶା କିପରି ସଂଯୋଗ ରକ୍ଷା କରିଛି, ଆଲୋଚନା କର ।

୧୦. ନିମ୍ନଲିଖିତ ପରିଚ୍ଛେଦଟିର ସାରାଂଶ ନିଜ ଭାଷାରେ ପ୍ରାୟ ଏକ ତୃତୀୟାଂଶ ଶବ୍ଦ ମଧ୍ୟରେ ଲେଖ। ୨୫

ଆଧୁନିକ ଯୁଗରେ ନିଜର ମାତୃଭାଷା ଦ୍ୱାରା ସମାଜରେ ଜୀବନ ଯାପନ କରିବା ସ୍ୱଚ୍ଛନ୍ଦ ହୋଇ ପାରେ; ମାତ୍ର ପୂର୍ଣ୍ଣ ନାଗରିକ ଜୀବନ ଅତିବାହିତ କରିବାକୁ ହେଲେ ସଂକୀର୍ଣ୍ଣତାର ଶୃଙ୍ଖଳ ଛିନ୍ନ କରି ଏକାଧିକ ଭାଷା ଶିକ୍ଷା କରିବା ଦରକାର । ଘରୁ ଗୋଡ଼ କାଢ଼ିବା ମାତ୍ରେ ହିଁ ବ୍ୟବସାୟିକ ଯୋଗାଯୋଗ ଓ ସାମାଜିକ ସଂପର୍କ ପାଇଁ ଅନ୍ୟଭାଷାର ସାହାଯ୍ୟ ନେବା ଅତ୍ୟନ୍ତ ଜରୁରୀ । ଆଜିର ଏହି ବିଶାଳ ପୃଥିବୀରେ ମନୁଷ୍ୟ ପରସ୍ପରର ଏତେ ନିକଟତମ ହୋଇଗଲାଣି ଯେ, ଏକାଧିକ ଭାଷା ଶିକ୍ଷା ନ କଲେ ସଭ୍ୟତା ସହିତ ତାଳ ଦେଇ ଗତିକରିବା ତା' ପକ୍ଷରେ ଅସମ୍ଭବ । ତେଣୁ ମାତୃଭାଷା ବ୍ୟତୀତ ଅନ୍ୟଭାଷା ପ୍ରତି ବୈମାତୃକ ଭାବ ପ୍ରଦର୍ଶନ ନ କରି ସେ ଭାଷାକୁ ସାଦରେ ଆୟତ୍ତ କରିବା ସବୁଠୁ ବୁଦ୍ଧିମତ୍ତାର କାର୍ଯ୍ୟ । ମନେ ରଖିବାକୁ ହେବ ଯେ କୌଣସି ଜାତିର ଅନ୍ତରକୁ ଚିହ୍ନିବାକୁ ହେଲେ ସେହି ଜାତିର ଭାଷାକୁ ଜାଣିବା ଛଡ଼ା ଉପାୟାନ୍ତର ନାହିଁ ।

ସମାଜରେ ବଞ୍ଚିବା ଓ ପୂର୍ଣ୍ଣ ନାଗରିକ ଜୀବନ ଯାପନ କରିବା ଦୁଇଟି ସ୍ୱତନ୍ତ୍ର ଚେତନା । ଉତ୍କଳୀୟତାର ସ୍ୱାଭିମାନ ରକ୍ଷା କରିବା ପାଇଁ ଓଡ଼ିଆ ଭାଷା ଯେତିକି ଜରୁରୀ, ଭାରତୀୟ ନାଗରିକତ୍ୱର ପୂର୍ଣ୍ଣ ସୁଯୋଗ ଲାଭ ପାଇଁ ହିନ୍ଦୀ ଭାଷାକୁ ରାଷ୍ଟ୍ରଭାଷା ରୂପେ ଶିକ୍ଷା କରିବା ସେତିକି ଆବଶ୍ୟକ ମଧ୍ୟ । ରାଷ୍ଟ୍ରର ଏକତା ଓ ସଂହତି ସ୍ଥାପନ ପାଇଁ ଏହି ଭାଷାକୁ ସମ୍ମାନ ପ୍ରଦର୍ଶନ କରିବା ଏକ ଦାୟିତ୍ୱବାନ ନାଗରିକର ପ୍ରଥମ କର୍ତ୍ତବ୍ୟ । ସେହିପରି ବିଶ୍ୱକୁ ଚିହ୍ନିବା ପାଇଁ, ବିଶ୍ୱର ପ୍ରାଣସ୍ପନ୍ଦନକୁ ହୃଦୟଙ୍ଗମ କରିବା ପାଇଁ, ବିଶ୍ୱର ଜଣେ ସଚେତନ ନାଗରିକ ଭାବରେ ଇଂରାଜୀ ଭାଷା ଶିକ୍ଷା କରିବା ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ପାଇଁ ଅପରିହାର୍ଯ୍ୟ । ମନେ ରଖିବାକୁ ହେବ ଯେ ବିଶ୍ୱର ପ୍ରତିଟି ଭୂଖଣ୍ଡର ଭାଷାକୁ ଆୟତ୍ତ କରିବା ନିଶ୍ଚିତ ଭାବରେ କଷ୍ଟକର ବ୍ୟାପାର । ମାତ୍ର ବହୁ ଦେଶାଦୃତ ଆନ୍ତର୍ଜାତୀକ ଭାଷାରୂପେ ମାନ୍ୟତାପ୍ରାପ୍ତ ଇଂରାଜୀ ଭାଷା ଶିକ୍ଷା କରିବା ଜଣେ ଶିକ୍ଷିତ ନାଗରିକ ପାଇଁ ସେତେଟା କଷ୍ଟକର ନୁହେଁ ।

ଆଜିର ଆନ୍ତର୍ଜାତିକ ଯୋଗାଯୋଗ, ବିଜ୍ଞାନ ବୈଷୟିକ ବିଦ୍ୟା, କଳା-ସାହିତ୍ୟ-ସଂସ୍କୃତିର ଭାବ ବିନିମୟ ଓ ବୈଷୟିକ କାରବାରରେ ଏକାଧିକ ଭାଷାଜ୍ଞାନ କେତେ ଆବଶ୍ୟକ, ତାହା ସମସ୍ତଙ୍କୁ ଜଣା । ଏପରିକି ଶିକ୍ଷା-ସ୍ୱାସ୍ଥ୍ୟ, ରାଜନୀତି ଏବଂ ପାରସ୍ପରିକ ସଂପର୍କ ପ୍ରତିଷ୍ଠା ପାଇଁ ବହୁଭାଷୀ (Multi Lingual) ହେବା ନିତାନ୍ତ ଜରୁରୀ । ଆଜିର ଯୁଗରେ ଦେଶ-ଦେଶ ମଧ୍ୟରେ ପ୍ରତିଷ୍ଠା ଓ ପରାକାଷ୍ଠାର ଭେଦ ଜାଣିବା ପାଇଁ ତୁଳନାତ୍ମକ ବିଚାରର ଯେଉଁ ପ୍ରୟାସ ଆରମ୍ଭ ହୋଇଛି, ତା'ରି ମୂଳରେ ରହିଛି ଭାଷା । ଦୁଇଟି ଭାଷାର ପାରସ୍ପରିକ ସାମଞ୍ଜସ୍ୟ ଓ ପ୍ରଭାବ-ଆହରଣ ଯୋଗୁଁ ସଭ୍ୟତା ଓ ସଂସ୍କୃତିର ଯେଉଁ ମହାମିଳନ ସଂଘଟିତ ହୁଏ, ତା'ର ପ୍ରଭାବ ସହସ୍ର ବର୍ଷ ବ୍ୟାପୀ ଅତୁଟ ରହେ । ସେହି କାରଣରୁ ସୁଦୂର ପାରସ୍ୟ ଦେଶର ମୁସଲମାନ ଓ ଭାରତୀୟ ମୁସଲମାନଙ୍କ ମଧ୍ୟରେ ଭାଷା-ଧର୍ମ ଓ ସଂସ୍କୃତି ଜନିତ

ପାରସ୍ପରିକ ଅଦୃଶ୍ୟ ଅତୁଟ ସଂହତି ସ୍ଥାପିତ ହୋଇଛି । ମାତ୍ର ଦୁଃଖର ବିଷୟ ଏହିକି ଯେ, ଆମେ ସମସ୍ତେ ଅଖଣ୍ଡ ଭାରତ ଭୂଖଣ୍ଡର ନାଗରିକ ହୋଇ ମଧ୍ୟ ଭାଷାଗତ ବିଭେଦତାରେ ପୀଡ଼ିତ । ଆମର ନିକଟତମ ପଡ଼ୋଶୀର ଭାଷାକୁ ଆମେ ସହଜରେ ଗ୍ରହଣ କରିପାରୁନୁ, ସାହିତ୍ୟର ମର୍ମକୁ ଉପଲବ୍ଧି କରିପାରୁ ନାହୁଁ, ସଂଗୀତର ପ୍ରାଣସ୍ପର୍ଶୀ ମୂର୍ଚ୍ଛନା ଆମ କର୍ଣ୍ଣ ଗହ୍ୱରରେ ସ୍ୱଚ୍ଛନ୍ଦରେ ପ୍ରତିଧ୍ୱନିତ ହେଉନାହିଁ । ଏହି ହୀନ ଆଞ୍ଚଳିକ ବୈଷମ୍ୟବାଦ ଆମକୁ ପରସ୍ପରଠାରୁ କ୍ରମଶଃ ଦୂରେଇ ଦେବାରେ ଲାଗିଛି ।

୧୧. ନିମ୍ନ ପରିଚ୍ଛେଦଟିକୁ ଇଂରାଜୀରେ ଅନୁବାଦ କର : ୧୦

ଏକଦା ନଳ ନାମକ ଜଣେ ରାଜା ଥିଲେ । ଦିନେ ସେ ଆପଣାର ପ୍ରାସାଦ ସନ୍ନିହିତ ମନୋରମ ଉଦ୍ୟାନରେ ଭ୍ରମଣ କରୁଥିବା ସମୟରେ ପୁଷ୍କରିଣୀ ନିକଟରେ ବିଚରଣ କରୁଥିବା ଦଳେ ସ୍ୱର୍ଣ୍ଣପକ୍ଷ ହଂସ ଦେଖିଥିଲେ । ସେ ସେମାନଙ୍କ ରୂପ-ଦର୍ଶନରେ ଏପରି ପ୍ରୀତ ହୋଇଥିଲେ ଯେ, ସେଠାକୁ ଯିବାପାଇଁ ମନ ବଳାଇଥିଲେ ଏବଂ ଗୋଟିଏକୁ ଧରିଥିଲେ । ହଂସ ଯେତେବେଳେ ମନୁଷ୍ୟ ଭାଷାରେ ତାହାଙ୍କୁ ସମ୍ବୋଧନ କରି 'ରାଜନ୍, ମୋତେ ଛାଡ଼ିଦିଅନ୍ତୁ' ବୋଲି କହିଥିଲା, ସେତେବେଳେ ତାଙ୍କର ବିସ୍ମୟର ସୀମା ରହିଲା ନାହିଁ । ରାଜା କହିଲେ, "କାହିଁକି ତୋତେ ଛାଡ଼ିଦେବି?" "ଯଦି ମୋତେ ଛାଡ଼ି ଦେବେ, ତାହାହେଲେ ମୁଁ ରୂପବତୀ ରାଜକୁମାରୀ ଦମୟନ୍ତୀଙ୍କ ନିକଟକୁ ଆପଣଙ୍କର ସନ୍ଦେଶ ନେଇ ଯିବି ଏବଂ ଆପଣଙ୍କୁ ପତିରୂପେ ବରଣ କରିବା ପାଇଁ ତାଙ୍କୁ ପ୍ରାର୍ଥନା କରିବି ।"

୧୨. ନିମ୍ନ ପରିଚ୍ଛେଦଟିକୁ ଓଡ଼ିଆରେ ଅନୁବାଦ କର : ୧୦

Mr. Madhusudan Das, C.I.E was the first graduate of Utkal, the first Odia lawyer, the first Odia member of the Governor's Council, the first Odia to sail for Europe and the first Odia Minister. He was the first Indian Minister to resign his office of a minister on account of difference of opinion with the Government. Madhusudan was the first instance in many other aspects also. No doubt he could have been the first prominent man also in any country in any time. He had extra-ordinary merit. Because of him, Odisha became a separate province. As Odia, we owe a lot to this great soul.

★★★

Candidate must not write on this margin.